ନିରଞ୍ଜନ୍ ପ୍ରସାଦ ସିହ୍ନା ଏବଂ ଅନ୍ୟଜଣେ ।

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

9 ମେ, 2001

[ଜି. ବି. ପଟ୍ଟନାୟକ ଏବଂ ଏସ୍. ଏନ୍. ଫୁକାନ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ରେଳବାଇ ବୋର୍ଡର 25.6.1985 ତାରିଖର ପରିପତ୍ର-ଖଣ୍ଡ 5.1-ପଦୋନ୍ନତି-ପଦୋନ୍ନତି ପାଇଁ ଯୋଗ୍ୟ କର୍ମଚାରୀ, କୌଣସି ଲିଖିତ କିମ୍ବା ମୌଖିକ ପରୀକ୍ଷା ବିନା ପଦୋନ୍ନତି ପାଇଁ ଯୋଗ୍ୟ-ଆବେଦନକାରୀମାନେ କୌଣସି ଲିଖିତ ପରୀକ୍ଷା ବିନା ସେବା ନଥିର ଯାଞ୍ଚ ଆଧାରରେ ଅଗ୍ନିନିବାପକ ଦଳର ବ୍ୟକ୍ତି ଶ୍ରେଣୀ A କୁ ପଦୋନ୍ନତି ପାଇଥିଲେ-ଲିଖିତ ପରୀକ୍ଷା ପରବର୍ତ୍ତୀ ସମୟରେ ଅନୁଷ୍ଠିତ ହୋଇଥିଲା-ପଦୋନ୍ନତି ନିର୍ଣ୍ଣିତ ବ୍ୟକ୍ତିମାନେ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିଲେ ଏବଂ ସେମାନଙ୍କୁ ଅଗ୍ନିନିବାପକ ଦଳର ବ୍ୟକ୍ତି ଶ୍ରେଣୀ A କୁ ପଦୋନ୍ନତି କରାଯାଇଥିଲା-ଆକ୍ଷେପିତ ବରିଷ୍ଠତା ତାଲିକାରେ ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କୁ ଏହିପରି ଭାବରେ ଆବେଦନକାରୀଙ୍କ ଠାରୁ ଊର୍ଦ୍ଧ୍ୱରେ ରଖାଯାଇଥିଲା-ନ୍ୟାୟାଧିକରଣ ବରିଷ୍ଠତା ତାଲିକାକୁ କାୟମ ରଖିଥିଲେ-ଆବେଦନ ଉପରେ, ନିର୍ଣ୍ଣିତ ହୋଇଥିଲା ଯେ ବୋର୍ଡ କୌଣସି ପରୀକ୍ଷା ବିନା ନଥି ଯାଞ୍ଚ ଆଧାରରେ ପଦୋନ୍ନତି ପାଇବାକୁ ଥିବା କର୍ମଚାରୀଙ୍କୁ ପଦୋନ୍ନତି ପ୍ରଦାନ କରି ଏକ ସକାରାତ୍ମକ ନିଷ୍ପତ୍ତି ନେଇଛି-ଅବେଦନକାରୀମାନଙ୍କ ପଦୋନ୍ନତି ପରିପତ୍ର ଆଧାରରେ କରାଯାଇଥିବାରୁ ନ୍ୟାୟପୂର୍ଣ୍ଣ ଏବଂ ଉଚିତ ଥିଲା-ଅବେଦନକାରୀମାନେ ପଦୋନ୍ନତି ପାଇଥିବା ବ୍ୟକ୍ତି ମାନଙ୍କ ଠାରୁ ବରିଷ୍ଠ ହୋଇଥିବାରୁ ଆକ୍ଷେପିତ ବାରିଷ୍ଠତା ତାଲିକାକୁ ରଦ୍ଦ କରାଯାଇଥିଲା ।*

*ବରିଷ୍ଠତା-ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବରିଷ୍ଠତା ସେହି ଶ୍ରେଣୀରେ ନିରନ୍ତର ସେବାର ଅବଧି ଆଧାରରେ ନିର୍ଦ୍ଧାରଣ କରିବାକୁ ହେବ-ଆବେଦନକାରୀମାନେ ପରିପତ୍ର ଅନୁଯାୟୀ ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କଠାରୁ ବରିଷ୍ଠ ଥିଲେ-କୌଣସି ନିୟମ ନାହିଁ ଯାହା ଦର୍ଶାଏ ଯେ ପଦୋନ୍ନତି ପାଇଁ ଲିଖିତ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତିମାନେ ଆବେଦନକାରୀଙ୍କ ଉପରେ*

*ବରିଷ୍ଠତା ପାଇବେ- ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଉପରେ ଆବେଦନକାରୀଙ୍କୁ ରଖିବା ପାଇଁ ନୂତନ ବରିଷ୍ଠତା ତାଲିକା ପ୍ରସ୍ତୁତ କରାଯିବ ।*

ଆବେଦନକାରୀମାନଙ୍କୁ ଅଗ୍ନିନିବାପକ ଦଳର ବ୍ୟକ୍ତି ଶ୍ରେଣୀ **C** ଏବଂ ତା 'ପରେ ଶ୍ରେଣୀ **B** ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ସେମାନଙ୍କୁ ରେଳବାଇ ବୋର୍ଡର **25.6.1985** ତାରିଖର ଏକ ପରିପତ୍ରର ଖଣ୍ଡ **5.1** ଅନୁଯାୟୀ ଶ୍ରେଣୀ **A**କୁ ପଦୋନ୍ନତି ଦିଆଯାଇଥିଲା**,** ଯାହା ଏହିପରି ପଦୋନ୍ନତି ପାଇଁ କୌଣସି ଲିଖିତ କିମ୍ବା ମୌଖିକ ପରୀକ୍ଷା କରିବାର ଆବଶ୍ୟକତାକୁ ଦୂର କରିଥିଲା । ପରବର୍ତ୍ତୀ ସମୟରେ ଉତ୍ତରଦାତାମାନେ ଏକ ଲିଖିତ ପରୀକ୍ଷା ଆୟୋଜନ କରିଥିଲେ ଏବଂ ଯୋଗ୍ୟତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ **'A'** ଶ୍ରେଣୀ ପଦବୀରେ ନିଯୁକ୍ତି ଦେଇଥିଲେ । ତେବେ**,** ଏହି ପଦୋନ୍ନତି ପାଇଥିବା ବ୍ୟକ୍ତିମାନେ ଆବେଦନକାରୀମାନଙ୍କ ତୁଳନାରେ ବିବାଦୀୟ ବରିଷ୍ଠତା ତାଲିକାରେ ଅଧିକ ଉଚ୍ଚରେ ଥିଲେ**,** ଯାହାକୁ ନ୍ୟାୟାଧିକରଣ ସମର୍ଥନ କରିଥିଲା । ସେଥିପାଇଁ ଏହି ଆବେଦନ କରାଯାଇଛି ।

ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ସେମାନଙ୍କୁ ଆଇନଗତ ଭାବେ **25.6.1985** ତାରିଖର ପରିପତ୍ରର ଖଣ୍ଡ **5.1** ଅନୁଯାୟୀ କୌଣସି ଲିଖିତ କିମ୍ବା ମୌଖିକ ପରୀକ୍ଷା ବିନା ପଦୋନ୍ନତି ପାଇବାର ଅଧିକାର ପ୍ରଦାନ ଦିଆଯାଇଥିଲା**;** ଏବଂ ପରବର୍ତ୍ତୀ ସମୟରେ ଚୟନ କରାଯାଇଥିବା ପଦୋନ୍ନତି ପ୍ରାପ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କ ଉପରେ କଦାପି ରଖାଯାଇପାରିବ ନାହିଁ ।

ଉତ୍ତରଦାତାମାନେ ଯୁକ୍ତି କରିଥିଲେ ଯେ ପଦୋନ୍ନତି ପାଇଥିବା ବ୍ୟକ୍ତିମାନେ ପୂର୍ବବର୍ତ୍ତୀ **17.12.1982** ତାରିଖର ପରିପତ୍ର ଅନୁଯାୟୀ ଏକ ଲିଖିତ ପରୀକ୍ଷାରେ ଯୋଗ୍ୟତା ହାସଲ କରିବା ପରେ ଚୟନ କରାଯାଇଥିଲା ଏବଂ ସେମାନେ ଅଧିକ ଦକ୍ଷ ହୋଇଥିବାରୁ ସେମାନଙ୍କୁ ଆବେଦନକାରୀଙ୍କ ଉପରେ ସଠିକ୍ ଭାବରେ ସ୍ଥାନିତ କରାଯାଇଥିଲା ।

ଆବେଦନକୁ ଅନୁମତି ଦେଇ**,** ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ **1. 25.6.1985** ତାରିଖର ପରିପତ୍ରର ଖଣ୍ଡ **5.1** ଅନୁଯାୟୀ**,** ରେଳବାଇ ବୋର୍ଡ ଏକ ସକାରାତ୍ମକ ନିର୍ଣ୍ଣୟ ନେଇଥିଲା ଯେ ଯେତେବେଳେ ଜଣେ କର୍ମଚାରୀ ତାଙ୍କ ଦ୍ୱାରା ଧାରଣ କରାଯାଇଥିବା ପଦବୀଠାରୁ କେବଳ ଗୋଟିଏ ଶ୍ରେଣୀକୁ ପଦୋନ୍ନତି ପାଇବାର

**ଥିବେ, ସେତେବେଳେ ପଦୋନ୍ନତି କେବଳ ସେବା ନଥିର ଯାଞ୍ଚ ଆଧାରରେ ଏବଂ କୌଣସି ପରୀକ୍ଷା ଆୟୋଜନ ନକରି କରାଯିବ ।**

**2. ଅଗ୍ନିନିବାପକ ଦଳର ବ୍ୟକ୍ତି ଶ୍ରେଣୀ A ହେଉଛି ଅଗ୍ନିରକ୍ଷକ ଶ୍ରେଣୀ B ପଦବୀ ଉପରେ ଏକ ଶ୍ରେଣୀ ଅଧିକ । ତେଣୁ, ପରିପତ୍ରର ଖଣ୍ଡ 5.1 ଅନୁଯାୟୀ ଆବେଦନକାରୀମାନେ କେବଳ ସେମାନଙ୍କ ସେବା ରେକର୍ଡର ଯାଞ୍ଚ ପରେ ଶ୍ରେଣୀ A ପଦବୀକୁ ପଦୋନ୍ନତି ପାଇବାକୁ ହକଦାର ଥିଲେ ଏବଂ ଉତ୍ତରଦାତାମାନେ ଏହା କରିଥିଲେ ଯେହେତୁ ସେମାନେ ଉକ୍ତ ପରିପତ୍ର ଅନୁଯାୟୀ ଅଗ୍ନିନିବାପକ ଦଳର ବ୍ୟକ୍ତି ଶ୍ରେଣୀ A ପଦବୀକୁ ପଦୋନ୍ନତି ପାଇଥିଲେ । ଆବେଦନକାରୀଙ୍କ ପଦୋନ୍ନତି ଆଇନଗତ ଏବଂ ଉପଯୁକ୍ତ ଥିଲା ।**

**3. ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବରିଷ୍ଠତା ସେହି ଶ୍ରେଣୀରେ ନିରନ୍ତର ସେବାର ଅବଧି ଆଧାରରେ ନିର୍ଣ୍ଣୟ କରିବାକୁ ହେବ । ଆବେଦନକାରୀମାନଙ୍କୁ ଆଇନଗତ ଭାବରେ ଶ୍ରେଣୀ A କୁ ପଦୋନ୍ନତି ଦିଆଯାଇଥିଲା, ଯେତେବେଳେ ପଦୋନୀତ ବ୍ୟକ୍ତି ମାନଙ୍କୁ ପରେ ପଦୋନ୍ନତି ଦିଆଯାଇଥିଲା । ଏହା ଏକ ସ୍ୱୀକୃତ ସ୍ଥିତି ଯେ ଅଗ୍ନିଶମ କର୍ମଚାରୀଙ୍କ ସମସ୍ତ ପାହ୍ୟାରେ ଆବେଦନକାରୀମାନେ ସେମାନଙ୍କଠାରୁ ବରିଷ୍ଠ ଥିଲେ । ଅଧିକନ୍ତୁ, ଲିଖିତ ପରୀକ୍ଷା ଆଧାରରେ ପଦୋନ୍ନତି ପାଇଥିବା ବ୍ୟକ୍ତିମାନେ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଅପେକ୍ଷା ବରିଷ୍ଠତା ପାଇବେ ବୋଲି ଦର୍ଶାଇବା ପାଇଁ ଉକ୍ତ ପରିପତ୍ରରେ ଅଧୀନରେ କୌଣସି ନିୟମ ରଖାଯାଇ ନଥିଲା । ଯେଉଁ ଆକ୍ଷେପିତ ବରିଷ୍ଠତା ତାଲିକାରେ ଆବେଦନକାରୀମାନଙ୍କୁ, ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ତୁଳନାରେ କନିଷ୍ଠ ଦର୍ଶାଯାଇଥିଲା, ତାହା ଆଇନଗତ ସ୍ଥିତିର ବିପରୀତ ଏବଂ ସେହି ଅନୁଯାୟୀ ଏହାକୁ ରଦ୍ଦ କରିଦିଆଯାଇଛି । ଉତ୍ତରଦାତା ଏକ ନୂତନ ବରିଷ୍ଠତା ତାଲିକା ପ୍ରସ୍ତୁତ କରିବେ ଯାହା ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ପଦବୀରେ ପଦୋନୀତ ବ୍ୟକ୍ତିମାନଙ୍କ ଉପରେ ଆବେଦନକାରୀଙ୍କୁ ରଖିବ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 10912/1996 ।

ଓ.ଏ. ସଂଖ୍ୟା 502/1994ରେ ପାଟନାସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କର26.5.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ପି. ଏସ୍. ମିଶ୍ର, ବିଷ୍ଣୁ ଶର୍ମା, ସନ୍ତୋଷ ମିଶ୍ର, ୟୁ. ମିଶ୍ର, ଏସ୍. ବି. ଉପାଧ୍ୟାୟ ଏବଂ ରାମଜୀ ପ୍ରସାଦ ।

ଉତ୍ତରଦାତାମାନଙ୍କ ପାଇଁ ଅରବିନ୍ଦ କୁମାର ଶର୍ମାଙ୍କ ଏବଂ ଡି. ଏସ୍. ମେହରାଙ୍କ ପାଇଁ କେ. ସି. କୌଶିକ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଫୁକାନ,** ଏହି ଆବେଦନରେ ଦୁଇ ଆବେଦନକାରୀ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ପାଟନାଙ୍କ ଦ୍ୱାରା ପାରିତ 26.05.1995 ତାରିଖର ଆଦେଶକୁ ଆପତ୍ତି କରିଛନ୍ତି । ପାଟନାର ଦାନାପୁରର ବରିଷ୍ଠ ମଣ୍ଡଳୀୟ କର୍ମଚାରୀ ଅଧିକାରୀ (ଦାନାପୁର ମଣ୍ଡଳ) ଙ୍କ ଦ୍ୱାରା ଜାରି କରାଯାଇଥିବା ବରିଷ୍ଠତା ତାଲିକାକୁ ରଦ୍ଦ କରିବା ପାଇଁ ଆବେଦନକାରୀଙ୍କ ଆବେଦନକୁ ନ୍ୟାୟାଧିକରଣ ପ୍ରତ୍ୟାଖ୍ୟାନ କରିଥିଲେ ।

ପ୍ରାରମ୍ଭରେ ଆବେଦନକାରୀମାନଙ୍କୁ ପୂର୍ବ ରେଳବାଇ (ଦାନାପୁର ଡିଭିଜନ) ଦାନାପୁରରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ପରେ ସେମାନଙ୍କୁ ଅଗ୍ନିଶମ କର୍ମଚାରୀ ଶ୍ରେଣୀ C ପଦବୀକୁ ପଦୋନ୍ନତି ଦିଆଯାଇଥିଲା । 11.10.1985 ରେ ସେମାନଙ୍କୁ ଅଗ୍ନିଶମ କର୍ମଚାରୀ ଶ୍ରେଣୀ B ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ରେଳବାଇ ପ୍ରଶାସନ ଅଗ୍ନିଶମ କର୍ମଚାରୀ ପଦବୀକୁ ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସେହି ଅନୁଯାୟୀ 25.06.1985 ରେ, ରେଳବାଇ ବୋର୍ଡ ଏକ ପରିପତ୍ର ଜାରି କରିଥିଲା ଏବଂ ଏହି ପୁନର୍ଗଠନର ଫଳସ୍ୱରୂପ ଆବେଦନକାରୀମାନେ 1.1.1986 ରୁ ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ରେ ଅବସ୍ଥାପିତ ହୋଇଥିଲେ । ଏହି ପୁନର୍ଗଠନ ବେତନ ସଂଶୋଧନ ଆୟୋଗଙ୍କ ରିପୋର୍ଟର ପରବର୍ତ୍ତୀ ପର୍ଯ୍ୟାୟ ଭାବରେ କରାଯାଇଥିଲା । ଆବେଦନକାରୀମାନଙ୍କୁ ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ଭାବରେ ନିଯୁକ୍ତ କରାଯିବା ପରେ, ଉତ୍ତରଦାତାମାନେ ବିଭିନ୍ନ ତାରିଖରେ ଲିଖିତ ପରୀକ୍ଷା କରାଇଥିଲେ । ଉକ୍ତ ପରୀକ୍ଷାର ଫଳାଫଳ ଆଧାରରେ, 31 ଜଣ ବ୍ୟକ୍ତିଙ୍କୁ 'B' ଶ୍ରେଣୀରୁ 'A' ଶ୍ରେଣୀକୁ 6.8.1985 ତାରିଖରେ ପଦୋନ୍ନତି ଦିଆଯାଇଥିଲା ଏବଂ ତା 'ପରେ 7.2.1986 ଏବଂ 8.7.1986 ତାରିଖରେ ଆହୁରି 23 ଜଣ ଏବଂ 31 ଜଣ ବ୍ୟକ୍ତିଙ୍କୁ ପଦୋନ୍ନତି ଦିଆଯାଇଥିଲା । ଆବେଦନକାରୀମାନେ ଅଭିଯୋଗ କରିଛନ୍ତି ଯେ ଲିଖିତ ପରୀକ୍ଷା ପରେ ଉପରୋକ୍ତ ବ୍ୟକ୍ତିଙ୍କ ପଦୋନ୍ନତି ପୂର୍ବରୁ ସେମାନଙ୍କୁ ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ଭାବରେ ପଦୋନ୍ନତି ଦିଆଯାଇଥିଲା, ତେଣୁ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କୁ ବରିଷ୍ଠତା ତାଲିକାରେ ଆବେଦନକାରୀଙ୍କ ଠାରୁ ବରିଷ୍ଠ ଦର୍ଶାଯାଇପାରିବ ନାହିଁ ଯେପରି ଆକ୍ଷେପିତ ତାଲିକାରେ କରାଯାଇଛି । ଏହା ବିବାଦୀୟ ନୁହେଁ ଯେ ଆବେଦନକାରୀମାନେ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଠାରୁ ସମସ୍ତ ଶ୍ରେଣୀରେ ବରିଷ୍ଠ ଥିଲେ ଏବଂ ବାସ୍ତବରେ ଅଗ୍ନିଶମ

କର୍ମଚାରୀ ଶ୍ରେଣୀ A ପାଇଁ ପୂର୍ବ ବରିଷ୍ଠତା ତାଲିକାରେ ଆବେଦନକାରୀମାନଙ୍କୁ ଉପରୋକ୍ତ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବରିଷ୍ଠ ଦର୍ଶାଯାଇଥିଲା । ତେବେ, ଏହି ବରିଷ୍ଠତା ତାଲିକାକୁ ଆକ୍ଷେପିତ ବରିଷ୍ଠତା ତାଲିକା ଦ୍ୱାରା ପରିବର୍ତ୍ତନ କରାଯାଇଥିଲା ଏବଂ ଆବେଦନକାରୀଙ୍କୁ ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କ ତଳେ ରଖାଯାଇଥିଲା ଯାହାକୁ କି ନ୍ୟାୟାଧିକରଣଙ୍କ ନିକଟରେ ଆପତ୍ତି କରାଯାଇଥିଲା । ନ୍ୟାୟାଧିକରଣ ଆକ୍ଷେପିତ ବରିଷ୍ଠତା ତାଲିକାକୁ କାଏମ ରଖିଥିଲେ । ତେଣୁ, ବର୍ତ୍ତମାନର ଆବେଦନ ।

ଉତ୍ତରଦାତାଙ୍କର ଆଭିମୁଖ୍ୟ ଥିଲା ଯେ ଉପରୋକ୍ତ ପଦବୀଗୁଡିକର ପୁନର୍ଗଠନ ପାଇଁ ରେଳବାଇ ବୋର୍ଡର ତାରିଖ 25.06.1985 ର ପରିପତ୍ର ଦ୍ୱାରା, ବୋର୍ଡ କେବଳ ଏକ ସାଧାରଣ ଆଦେଶ ଜଣାଇଥିଲା କିନ୍ତୁ ଦ୍ରୁତ ବୈଷୟିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି, ଉତ୍ତରଦାତାମାନେ ପଦୋନ୍ନତି ପାଇଁ ଅଧିକ ଦକ୍ଷ ବ୍ୟକ୍ତି ଖୋଜିବା ପାଇଁ ରେଳବାଇ ବୋର୍ଡର 17.12.1982 ତାରିଖର ପୂର୍ବ ପରିପତ୍ର ଆଧାରରେ ଲିଖିତ ପରୀକ୍ଷା ପରିଚାଳନା କରିଥିଲେ ଏବଂ ଲିଖିତ ପରୀକ୍ଷା ମାଧ୍ୟମରେ ଯୋଗ୍ୟତା ଅର୍ଜନ କରିଥିବା ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କୁ ଆବେଦନକାରୀଙ୍କ ଠାରୁ ବରିଷ୍ଠ ଭାବରେ ଅବସ୍ଥାପିତ କରାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ମିଶ୍ର ଯୁକ୍ତି ଦର୍ଶାଇଛନ୍ତି ଯେ ରେଳବାଇ ବୋର୍ଡର 26.05.1985 ତାରିଖର ପରିପତ୍ରର ଖଣ୍ଡ 5କୁ ଦୃଷ୍ଟିରେ ରଖି, ଯେହେତୁ ଆବେଦନକାରୀଙ୍କ ପଦୋନ୍ନତି ପାଇଁ ପରବର୍ତ୍ତୀ ଉଚ୍ଚତର ପଦବୀ କର୍ମଚାରୀ ଶ୍ରେଣୀ A ଥିଲା, ସେମାନେ 'କୌଣସି ଲିଖିତ ଏବଂ/କିମ୍ବା ମୌଖିକ ପରୀକ୍ଷା ନଦେଇ ସେବା ନଥିର ଯାଞ୍ଚ' ଆଧାରରେ ସେହି ଶ୍ରେଣୀକୁ ପଦୋନ୍ନତି ପାଇବାକୁ ହକଦାର ଥିଲେ ଏବଂ ତେଣୁ ସେମାନଙ୍କୁ ଆଇନଗତ ଭାବରେ ପଦୋନ୍ନତି ଦିଆଯାଇଥିଲା । ଏହା ନିବେଦନ କରାଯାଇଛି ଯେ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇଥିବା ପଦୋନ୍ନତିପ୍ରାପ୍ତ ବ୍ୟକ୍ତିମାନେ ଲିଖିତ ପରୀକ୍ଷା ମାଧ୍ୟମରେ ମନୋନୀତ ହୋଇଥିଲେ ମଧ୍ୟ ବରିଷ୍ଠତା ତାଲିକାରେ ଆବେଦନକାରୀଙ୍କ ଉପରେ ରହିପାରିବେ ନାହିଁ । ଉତ୍ତରରେ ଉତ୍ତରଦାତାମାନଙ୍କ ବିଦ୍ୱାନ ଓକିଲ ଶ୍ରୀ କୌଶିକ, ଅନୁରୋଧ କରିଛନ୍ତି ଯେ ଯେହେତୁ ରେଳବାଇ ବୋର୍ଡର 17.12.1982 ତାରିଖର ପରିପତ୍ର ଅନୁଯାୟୀ ଲିଖିତ ପରୀକ୍ଷା ପରେ ପଦୋନ୍ନତି ଚୟନ କରାଯାଇଥିଲା ଏବଂ ଦକ୍ଷ ବୋଲି ଜଣାପଡ଼ିବାରୁ ସେମାନଙ୍କୁ ଆବେଦନକାରୀଙ୍କ ଠାରୁ ସଠିକ ବରିଷ୍ଠ ଦର୍ଶାଯାଇଥିଲା ।

25.06.1985 ତାରିଖର ରେଳ ବୋର୍ଡର ପରିପତ୍ରର ପ୍ରାସଙ୍ଗିକ ଖଣ୍ଡ 5.1 ନିମ୍ନରେ ଉଦ୍ଧୃତ ହୋଇଛି:

> " 5.1 ...... ତେବେ, ଏହି ଆଦେଶ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ, ଯଦି ଜଣେ ବ୍ୟକ୍ତିଗତ ରେଳ କର୍ମଚାରୀ ତାଙ୍କ ଦ୍ୱାରା ଧାରଣ କରାଯାଇଥିବା ପଦବୀଠାରୁ କେବଳ ଗୋଟିଏ ଶ୍ରେଣୀ ଉପରେ ପଦୋନ୍ନତି ପାଇବାକୁ ହକଦାର ହୁଅନ୍ତି, ତେବେ ତାଙ୍କୁ "ଚୟନ ପଦବୀ " ଭାବେ ବର୍ଗୀକୃତ କରାଯାଏ, ତେବେ ବର୍ତ୍ତମାନର ଚୟନ ପ୍ରକ୍ରିୟାରେ ଏପରି ସଂଶୋଧନ କରାଯିବ ଯେ କୌଣସି ଲିଖିତ ଏବଂ/କିମ୍ବା ମୌଖିକ ପରୀକ୍ଷା ନକରି କେବଳ ସେବା ନଥିର ଯାଞ୍ଚ ଆଧାରରେ ଚୟନ କରାଯିବ । ଏହା ପ୍ରକ୍ରିୟା ଅଧୀନରେ 'ବଳକା" ବର୍ଗୀକରଣ ରହିବ ନାହିଁ । "(ଆମେ ଗୁରୁତ୍ୱ ପ୍ରଦାନ କରିଅଛୁ)

ଆମେ ପରିପତ୍ରକୁ ଅନୁଧ୍ୟାନ କରିଛୁ ଏବଂ ଖଣ୍ଡ 5.1ର ସ୍ପଷ୍ଟ ଭାଷାକୁ ଦୃଷ୍ଟିରେ ରଖି, ଉତ୍ତରଦାତାମାନଙ୍କ ତରଫରୁ ଉପସ୍ଥାପିତ ଯୁକ୍ତି ଗ୍ରହଣୀୟ ନୁହେଁ । ଉପରୋକ୍ତ ପରିପତ୍ର ଦ୍ୱାରା, ବୋର୍ଡ ଏକ ସକାରାତ୍ମକ ନିର୍ଣ୍ଣୟ ନେଇଛି ଯେ ଜଣେ କର୍ମଚାରୀ ତାଙ୍କ ଦ୍ୱାରା ଧାରଣ କରାଯାଇଥିବା ପଦବୀର ଶ୍ରେଣୀ ଉପରେ କେବଳ ଗୋଟିଏ ଶ୍ରେଣୀକୁ ପଦୋନ୍ନତି ପାଇପାରିବେ, ପଦୋନ୍ନତି କୌଣସି ପରୀକ୍ଷା ଆଧାରରେ କରାନଯାଇ କେବଳ ସେବା ରେକର୍ଡର ଯାଞ୍ଚ ଆଧାରରେ କରାଯିବ ।

ଏଥିରେ କୌଣସି ବିବାଦ ନାହିଁ ଯେ ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ହେଉଛି ଅଗ୍ନିଶମ କର୍ମଚାରୀ ଶ୍ରେଣୀ B ପଦବୀ ଠାରୁ ଏକ ପାହ୍ୟା ଉପରେ, ତେଣୁ ଉପରୋକ୍ତ ଖଣ୍ଡ ଅନୁଯାୟୀ ଆବେଦନକାରୀମାନେ କେବଳ ସେମାନଙ୍କ ସେବା ରେକର୍ଡର ଯାଞ୍ଚ ଆଧାରରେ ଶ୍ରେଣୀ A ପଦବୀକୁ ପଦୋନ୍ନତି ପାଇବାକୁ ହକଦାର ଥିଲେ ଏବଂ ଉତ୍ତରଦାତାମାନେ ଏହା କରିଥିଲେ କାରଣ ସେମାନେ ଆବେଦନକାରୀଙ୍କୁ 1.1.1986 ରେ ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ପଦବୀକୁ ପଦୋନ୍ନତି ଦେଇଥିଲେ, ଯେଉଁ ତାରିଖରେ ଉପରୋକ୍ତ ପରିପତ୍ର ଅନୁଯାୟୀ ପୁନର୍ଗଠନ କରାଯାଇଥିଲା । ତେଣୁ ଆମର ମତ ହେଉଛି ଯେ ଆବେଦନକାରୀଙ୍କ ପଦୋନ୍ନତି ଆଇନଗତ ଏବଂ ଉପଯୁକ୍ତ ଥିଲା ।

ଏହା ଭଲ ଭାବେ ସ୍ଥିରୀକୃତ ଯେ କୌଣସି ନିୟମର ଅନୁପସ୍ଥିତିରେ, ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବରିଷ୍ଠତା ସେହି ଶ୍ରେଣୀରେ ନିରନ୍ତର ସେବାର ଅବଧି ଆଧାରରେ ନିର୍ଣ୍ଣୟ କରିବାକୁ ପଡ଼ିବ । ଆବେଦନକାରୀମାନଙ୍କୁ ଆଇନଗତ ଭାବରେ ଅଗ୍ନିଶମ କର୍ମଚାରୀ ଶ୍ରେଣୀ Aକୁ ପଦୋନ୍ନତି

ଦିଆଯାଇଥିଲା, ଯେତେବେଳେ କି ପରବର୍ତ୍ତୀ ସମୟରେ ପଦୋନ୍ନତି ବ୍ୟକ୍ତିମାନଙ୍କୁ ପଦୋନ୍ନତି ଦିଆଯାଇଥିଲା । ଏହା ଏକ ସ୍ୱୀକୃତ ସ୍ଥିତି ଯେ ଆବେଦନକାରୀମାନେ ଅଗ୍ନିଶମ କର୍ମଚାରୀଙ୍କ ସମସ୍ତ ପାହ୍ୟାରେ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବରିଷ୍ଠ ଥିଲେ । ଲିଖିତ ପରୀକ୍ଷା ଆଧାରରେ ପଦୋନ୍ନତି ପାଇଥିବା ବ୍ୟକ୍ତିମାନେ ଖଣ୍ଡ 5.1 ଅନୁଯାୟୀ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଅପେକ୍ଷା ବରିଷ୍ଠତା ପାଇବେ ବୋଲି ଦର୍ଶାଇବା ପାଇଁ ଆମ ସମ୍ମୁଖରେ କୌଣସି ନିୟମ ଉପସ୍ଥାପିତ କରାଯାଇନାହିଁ । ତେଣୁ, ଆମ ବିଚାରରେ ଯେଉଁ ବିବାଦୀୟ ବରିଷ୍ଠତା ତାଲିକାରେ ଆବେଦନକାରୀଙ୍କୁ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ତୁଳନାରେ କନିଷ୍ଠ ଦର୍ଶାଯାଇଥିଲା, ତାହା ଆଇନଗତ ସ୍ଥିତିର ବିରୋଧୀ ଏବଂ ସେହି ଅନୁଯାୟୀ ଏହାକୁ ରଦ୍ଦ କରିଦିଆଯାଇଛି ।

ଆମେ ବର୍ତ୍ତମାନର ଆବେଦନରେ ଯୋଗ୍ୟତା ପାଇଛୁ ଏବଂ ଅଗ୍ନିଶମ କର୍ମଚାରୀ ଶ୍ରେଣୀ A ପଦବୀରେ ପଦୋନ୍ନତି ପାଇଥିବା ବ୍ୟକ୍ତିଙ୍କ ଉପରେ ଆବେଦନକାରୀଙ୍କୁ ରଖି ଏକ ନୂତନ ବରିଷ୍ଠତା ତାଲିକା ପ୍ରସ୍ତୁତ କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଏହା ଅନୁମତି ଦିଆଯାଇଛି । ସଂଶୋଧିତ ବରିଷ୍ଠତା ତାଲିକା 3 ମାସ ମଧ୍ୟରେ ପ୍ରକାଶିତ ହେବ । ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଆମେ ପକ୍ଷମାନଙ୍କୁ ଏହି ଆବେଦନର ନିଜସ୍ୱ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଏ. କ୍ୟୁ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।